The New Indian Express 11.09.22

# Tribals' role in struggle for Independence vital: Guv

**EXPRESS NEWS SERVICE** @ Jeypore

THE contributions and sacrifices made by tribals during India's struggle for Independence will be remembered forever, said Governor Ganeshi Lal.

Addressing a seminar on 'Contribution of tribal leaders in the freedom struggle of India' at Central University of Odisha , Sunabeda, the Governor, who is on a two-day visit to the district, said tribals across the country had waged a spirited struggle during the freedom movement and even sacrificed their lives for the motherland. Tribal heroes of Odisha especially from Koraput left their mark during the struggle.

"We have deep respect for freedom fighters and their deeds will be remembered by generations to come," the Governor said. He said election of a tribal woman as the President of India speaks volumes of the nation's gratitude towards the community.

On the day, he visited an exhibition on tribals organised by the university. Among others, National Commission for Scheduled Tribes member Ananta Nayak, Trifed vice chairman Pabitra Kumar Konhar and CUO vice chancellor Sharat Kumar Palita were present.



Governor Ganeshi Lal going around an exhibition on tribals at CUO | EXPRESS

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସେମିନାରରେ ଯୋଗ ଦେଲେ ରାଜ୍ୟପାଳ




କୋରାପୁଟ,୧୦।୯(ଅନୁପମ ମିଡ଼ିଆ) : ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ଶନିବାର ସକାଳେ ପହଞ୍ଚିଛନ୍ତି । ଅପରାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡା କ୍ୟାମ୍ପସ୍‌ରେ ଜାତୀୟ ଅନୁସୂଚୀତ ଜନଜାତି ଆୟୋଗ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ଆୟୋଜିତ ଜାତୀୟସ୍ତରୀୟ ସେମିନାରରେ ଯୋଗ ଦେଇଥିଲେ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତ କୁମାର ପାଲିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଉଦ୍‌ଘାଟନ କରିଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ଜନନାୟକ ମାନଙ୍କ ଭୂମିକା, ତ୍ୟାଗ ଓ ବଳିଦାନ ଶିର୍ଷକ ଉପରେ ମୁଖ୍ୟ ଅତିଥି ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଆଦିଶକ୍ତି ରୁ ଆଦିବାସୀଙ୍କ ଜନ୍ମ, ତେଣୁ ସେମାନେ ଚିରକାଳ ସମ୍ମାନସ୍ପଦ ରହିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ସହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ଆଦିବାସୀ ଜନନାୟକ ଦେଶ ପାଇଁ ଜୀବନ ଦେଇଛନ୍ତି, ସେମାନଙ୍କ ତ୍ୟାଗ ଦେଶ କେବେ ଭୁଲି ପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମ ରାଜ୍ୟର ଜଣେ ଆଦିବାସୀ ମହିଳାଙ୍କୁ ଦେଶର ପ୍ରଥମ ନାଗରିକ ଭାବେ ବାଛି ଆଦିବାସୀଙ୍କ ପ୍ରତି ସମ୍ମାନ ଦେଇଥିବା ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ । ଏନ୍‌ସିଏସ୍‌ଟି ସଦସ୍ୟ ଅନନ୍ତ ନାୟକ ସମ୍ମାନୀତ ଅତିଥି ଏବଂ ଟ୍ରାଇଫେଡ ଉପସଭାପତି ପବିତ୍ର କୁମା କହଁର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏନସିଏସଟି ସଂଯୋଜକ ଡ଼.ଜନ୍ମେଜୟ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ ବିଶ୍ୱବିଦ୍ୟାଳୟ କୁଳ ସଚିବ ଡ଼.ଅସିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ଼.ସୌରଭ ଗୁପ୍ତା, ଲୋକ ସମ୍ପର୍କ ଅଧିକାରୀ ଡ଼.ଫଗୁନାଥ ଭୋଇ, ଓଏସଡି ସୁଧାକର ପଟ୍ଟନାୟକଙ୍କ ସମେତ ସମସ୍ତ ପ୍ରାଧ୍ୟାପକ, ବିଭାଗୀୟ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

କୋରାପୁଟ ଜିଲ୍ଲାକୁ ଦୁଇ ଦିନିଆ ଗସ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜି ଟ୍ରେନ ଯୋଗେ କୋରାପୁଟରେ ପହଞ୍ଚିଛନ୍ତି । କୋରାପୁଟ ଜିଲ୍ଲାପାଳ ଅବଦାଲ ଏମ.ଅଖତର, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀ, ଷ୍ଟେସନ ମ୍ୟାନେଜର ନରେନ୍ଦ୍ର କୁମାର ଭିଟିରିଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଅରୁଣ କୁମାର ପାଢୀ, କୋରାପୁଟ ଉପ ଜିଲ୍ଲାପାଳ ଚନ୍ଦ୍ରବନ୍ଧୁ ଜନାର୍ଦ୍ଦନ ଦଲେଇ, ଅତିରିକ୍ତ ଏସପି ରଜନ କେଶରୀ ଦାସ ଓ ବିମଳକାନ୍ତ ବ୍ରହ୍ମା, କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ କୁମାର ପୂଜାରୀ, କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରାଜ୍ୟ ଶିଶାଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଗସ୍ତ ଦୃଷ୍ଟିରୁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ସତନ୍ତ୍ର ସର୍କିଟ ହାଉସଠାରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଗାର୍ଡ ଅଫ ଅନର ଦିଆଯାଇଥିଲା।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଲୋଚନାଚକ୍ରରେ ରାଜ୍ୟପାଳ

# 'ଆଦିବାସୀଙ୍କ ଯୋଗୁ ଭାରତ ସମ୍ପୂର୍ଣ୍ଣ ଗୋଲାମ ହୋଇ ନଥିଲା'






କୋରାପୁଟ,୧୦।୯(ଅପ୍ର): ଜଳ, ଜମି ଓ ଜଙ୍ଗଲକୁ ଭଲ ପାଉଥିବା ବ୍ୟକ୍ତି ହେଉଛନ୍ତି ଆଦିବାସୀ। ଆଦିବାସୀ ଜଙ୍ଗଲରେ ଥିବା ଗଛକୁ କାଟିବା ପାଇଁ ପୂଜା କଲେ କାଟି ଯାଏ। ମହୁମାଛିକୁ ମହୁ ମାଗିଲେ ମହୁ ମିଳେ। ବଳିଦାନ ପାଇଁ ସବୁବେଳେ ପ୍ରସ୍ତୁତ ରହିଥିବା ଆଦିବାସୀ କେବେ ମୁଣ୍ଡ ନୁଆଁଇ ନଥାଏ। ସେମାନେ ହେଲେ ଆଦିଶକ୍ତିଙ୍କ ପ୍ରଥମ ସନ୍ତାନ। ମହାତ୍ମା ଗାନ୍ଧୀ ମଧ୍ୟ ଓଡ଼ିଶା ଆଦିବାସୀଙ୍କ ଠାରୁ ପ୍ରେରଣା ପାଇଥିଲେ। ସେମାନଙ୍କ ଯୋଗୁ ଭାରତ ସମ୍ପୂର୍ଣ୍ଣ ଭାବେ ଗୋଲାମ ହୋଇ ନଥିଲା। ଆଜି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ୍ ଏଭଳି ମତବ୍ୟକ୍ତ କରିଛନ୍ତି।

ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁନାବେଡ଼ା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ 'ସ୍ୱାଧୀନତା ସଂଗ୍ରାମରେ ଜନଜାତି ସଂଗ୍ରାମୀଙ୍କ ଯୋଗଦାନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଆଦିବାସୀଙ୍କ ବିକାଶ ପାଇଁ ତତ୍ପର। ସେଥିପାଇଁ ଆଜି ଭାରତର ପ୍ରଥମ ନାଗରିକ ହେଉଛନ୍ତି ଓଡ଼ିଶା ମାଟିର ଜଣେ ଆଦିବାସୀ ମହିଳା। ଏହି ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସେ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ କହିଥିଲେ, ଆଦିବାସୀଙ୍କ ଅସ୍ମିତା, ଅସ୍ତିତ୍ୱ ଓ ବିକାଶକୁ ନେଇ ଆୟୋଗ କାର୍ଯ୍ୟ କରୁଛି। ବ୍ରିଟିଶ ସମୟରେ ମୁକ୍ତ ଆଦିବାସୀଙ୍କ ବଳିଦାନକୁ ଗୁରୁତ୍ୱ ଦିଆଯାଇ ନଥିଲା। ବର୍ତ୍ତମାନ ସଂଗ୍ରାମୀ ଆଦିବାସୀଙ୍କ ସମ୍ପର୍କରେ ଜାଣିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟରେ ଇତିହାସକୁ ସାମିଲ କରାଯାଇଛି। ଦେଶର ୧୭୫ଟି ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଥିଲେ।

ଏହି ଆଲୋଚନାଚକ୍ରରେ ଟ୍ରାଇଫେଡ ଉପାଧ୍ୟକ୍ଷ ପବିତ୍ରକୁମାର କର୍ଣ୍ଣ ଅତିଥି ଭାବେ ଉପସ୍ଥିତ ଥିବାବେଳେ ଏସିଏସଟି ସଂଯୋଜକ ଡ.ନରେନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତକୁମାର ପଲିତା ଅତିଥି ପରିଚୟ, କୁଳସଚିବ ଡ. ଅସିତକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ରାଜ୍ୟପାଳଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋରାପୁଟ ଠାରୁ ସୁନାବେଡ଼ା ଓ ସେମିଳିଗୁଡ଼ା ପର୍ଯ୍ୟନ୍ତ ରାସ୍ତାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଜିଲ୍ଲାପାଳ ଅବଦଲ ଏମ୍ ଅଖତର, ଏସପି ବରୁଣ ଗୁଣ୍ଟୁପଲ୍ଲୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥା ତଦାରଖ କରିଥିଲେ। ପ୍ରକାଶଥାଉ, ରାଜ୍ୟପାଳ ଆଜି ସକାଳେ ହୀରାଖଣ୍ଡ ଏକ୍ସପ୍ରେସରେ କୋରାପୁଟରେ ପହଞ୍ଚିବା ପରେ ସେଠାରେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସର୍କିଟହାଉସରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଅପରାହ୍ନରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ସାରି ସନ୍ଧ୍ୟାରେ ସେମିଳିଗୁଡ଼ା ବିଜୁ ପଟ୍ଟନାୟକ ସ୍କୁଲ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ। ଆଜି ରାତିରେ ସର୍କିଟହାଉସରେ ରାତ୍ରି ଯାପନ କରିଛନ୍ତି।

# ବଣ୍ଡା ନାଚରେ ଅହିଂ
# ରଥକୁ ସ୍ୱାଗତ

ଖଇରପୁଟ,୧୦।୯(ଅପ୍ର): ବଣ୍ଡା ନାଚଗୀତରେ ମାଲକାନଗିରି
ଖଇରପୁଟ ବ୍ଲକରେ ଅହିଂସା ରଥକୁ ପ୍ରଶାସନ ତରଫରୁ ସ୍ୱାଗ
କରାଯାଇଛି। ଦେଶ ମାତୃକା ପାଇଁ ଉତ୍ସର୍ଗ କରି ବଳିଦାନ ଦେ
ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଅକୁହା କାହାଣୀ ଓ ଇତିହାସ
ନେଇ ସାରା ରାଜ୍ୟରେ ପରିକ୍ରମା କରୁଥିବା ଏହି ରଥ ଆଜି
ପହଞ୍ଚିବା ପରେ ବ୍ଲକ ପ୍ରଶାସନ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ, ବି
ସଂଗଠନ, ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ
ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷ
ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ବାହାରି ନାଚଗୀତରେ
ସ୍ୱାଗତ କରିଥିଲେ। ପ୍ରଥମେ ଗୋବିନ୍ଦପାଲିରେ ବ୍ଲକ କାର୍ଯ୍ୟାଳ
ତରଫରୁ ଅଧିକାରୀ, କର୍ମଚାରୀଙ୍କ ସମେତ ସ୍ୱୟଂ ସହାୟକ
ମହିଳାମାନେ ଫୁଲମାଳ ପକାଇ ସ୍ୱାଗତ କରିଥିଲେ। ପରେ
ବଣ୍ଡା ମହିଳାମାନଙ୍କ ଦ୍ୱାରା ନାଚଗୀତରେ ପାଛୋଟି ନିଆଯାଇଥି



ପରେ ପରେ ଏହି ରଥ ଗୋବିନ୍ଦପାଲି କଲେଜ, ଅମ୍ଲିଗୁଡ଼ା
କାର୍ଯ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିଜଣ କା
ଓ ମେଡ଼ିକାଲ ଛକ ନିକଟରେ ରଥକୁ ସ୍ୱାଗତ କରାଯାଇଥିଲା।

ସକାଳ
THE SAKALA
Jeypore - 11 Sep 2022 - Page 14

## କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନ

# ‘ଦେଶ ପାଇଁ ଆଦିବାସୀଙ୍କ ତ୍ୟାଗ ଚିର ସ୍ମରଣୀୟ’

କୋରାପୁଟ,୧୦।୯ (ସମିସ): ‘ଦେଶ ପାଇଁ ଆଦିବାସୀଙ୍କ ତ୍ୟାଗ ଚିରକାଳ ସ୍ମରଣୀୟ’ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି। ଦୁଇଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ରାଜ୍ୟପାଳ ଶନିବାର ସକାଳେ ଏଠାରେ ପହଞ୍ଚିଛନ୍ତି । ଆଜି ହୀରାଖଣ୍ଡ ଟ୍ରେନରେ ପ୍ରଫେସର ଗଣେଶୀ ଲାଲ୍ କୋରାପୁଟ ଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲାପାଳ ଅବଦାଲ୍ ଏମ୍ ଅଖତର, ଏସପି ବରୁଣ ଗୁଣ୍ଟୁପାଲି, ଷ୍ଟେସନ ମ୍ୟାନେଜର ନରେନ୍ଦ୍ର କୁମାର ଭିତିରିଆ, କୋରାପୁଟ ଉପଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଏସପି ଉତ୍କଳ କେଶରୀ ଦାଶଙ୍କ ସହ ଅନ୍ୟାନ୍ୟ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଷ୍ଟେସନରେ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଷ୍ଟେସନରୁ ବାହାରି ରାଜ୍ୟପାଳ କୋରାପୁଟ ସ୍ୱତନ୍ତ୍ର ସର୍କିଟ୍ ହାଉସରେ




ପହଞ୍ଚିବା ପରେ ସେଠାରେ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ଅପରାହ୍ଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସୁନାବେଡ଼ା ସ୍ଥାୟୀ କ୍ୟାମ୍ପସ୍ରେ ସିୟୁଓ ଏବଂ ଜାତୀୟ ଅନୁସୂଚିତ ଜନଜାତି କମିଶନ(ଏନସିଏସଟି) ଦ୍ୱାରା ମିଳିତ ଭାବେ ଜାତୀୟସ୍ତରୀୟ ସେମିନାରରେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରତ କୁମାର ପାଲିତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଉଦଘାଟନ କରିଥିଲେ। ଭାରତ ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ଜନନାୟକଙ୍କ ଭୂମିକା, ତ୍ୟାଗ ଓ ବଳିଦାନ ଶୀର୍ଷକ ଉପରେ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଦିଶକ୍ତିରୁ ଆଦିବାସୀଙ୍କ ଜନ୍ମ,ତେଣୁ ସେମାନେ ଚିରକାଳ ସମ୍ମାନସ୍ପଦ, ସ୍ୱାଧୀନତା ଆନ୍ଦୋଳନରେ ସହୀଦ ଲକ୍ଷ୍ମଣ ନାୟକ, ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ଆଦିବାସୀ ଜନନାୟକ ଦେଶ ପାଇଁ ଜୀବନ ଦେଇଛନ୍ତି, ସେମାନଙ୍କ ତ୍ୟାଗ ଦେଶ କେବେ ଭୁଲିପାରିବ ନାହିଁ, ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ଜଣେ ଆଦିବାସୀ ମହିଳାଙ୍କୁ ଦେଶର ପ୍ରଥମ ନାଗରିକ ଭାବେ ବାଛି ଆଦିବାସୀଙ୍କ ପ୍ରତି ସମ୍ମାନ ଦେଇଥିବା ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ। ଏନସିଏସଟି ସଦସ୍ୟ ଅନନ୍ତ ନାୟକ ସମ୍ମାନିତ ଅତିଥି ଏବଂ ଟ୍ରାଇଫେଡ୍ ଉପସଭାପତି ପବିତ୍ର କୁମା କହଁର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏନସିଏସଟି ସଂଯୋଜକ ଡଃ.ଜଳେନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବା ବେଳେ କୁଳସଚିବ ଡଃ.ଅସିତ୍ କୁମାର ଦାଶ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡଃ.ସୌରଭ ଗୁପ୍ତା, ପିଆରଓ ଡଃ.ଫଗୁନାଥ ଭୋଇ, ଓଏସଡି ସୁଧାକର ପଟ୍ଟନାୟକଙ୍କ ସମେତ ସମସ୍ତ ପ୍ରାଧ୍ୟାପକ, ବିଭାଗୀୟ ଅଧିକାରୀ ଓ ଅନୁସୂଚୀତ ଜନଜାତି ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ପ୍ରକୃତ ଶିକ୍ଷାରେ ମଣିଷ ପାଲଟିପାରେ ଦେବତା : ରାଜ୍ୟପାଳ

ସୁନାବେଡା, ୧୦।୯(ନି.ପ୍ର): ଦିଲ୍ଲୀ ପବ୍ଲିକ ସେକେଣ୍ଡାରି ସ୍କୁଲ ସେମିଲିଗୁଡ଼ାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ପ୍ରକୃତ ଶିକ୍ଷା ଦ୍ୱାରା ମଣିଷ ଦେବତା ପାଲଟି ପାରିବ ବୋଲି କହିଛନ୍ତି। କିନ୍ତୁ ପୂର୍ବର ଶିକ୍ଷାନୀତି ଯଦି ରହିଥାନ୍ତା ତାହା ହେଲେ ସମାଜରେ କୌଣସି ପରିବର୍ତ୍ତନ ଆସିବା କଷ୍ଟକର। ତେଣୁ ପ୍ରଧାନମନ୍ତ୍ରୀ ନୂତନ ଜାତୀୟ ଶିକ୍ଷାନୀତି ଆଣିଛନ୍ତି। ବର୍ତ୍ତମାନ ଆନ୍ତରିକ କ୍ରାନ୍ତି, ସମ୍ପୂର୍ଣ୍ଣ ବିପ୍ଳବର ଆବଶ୍ୟକତା ରହିଛି। ଆମ ଘର ମାନଙ୍କରେ ସଦ୍ୟଜାତ ଶିଶୁକୁ ଦେଖି ଆମେ କହିଥାଉ ଏହାର ଆଖି ତା'ର ବାପା, ଜେଜେ, ବାପା, ମା ଭଳି ହେଇଛି; କିନ୍ତୁ ଏହା ବଦଳରେ ଆମେ କହିବା ଉଚିତ ଯେ ପିଲାଟିର ଆଖି ଚକା ନୟନଙ୍କ ଭଳି ହେଇଛି ।ନଚେତ୍ ମା' ଙ୍କ ଭଳି ହୋଇଛି। କାରଣ ପୃଥିବୀ ପୃଷ୍ଠରେ ମା' ହେଉଛି ଆଦିଶକ୍ତିଙ୍କ ଅବତାର। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ସେମାନେ ଚାହିଁଲେ ଯେକୌଣସି ଅସମ୍ଭବ କାମକୁ ସମ୍ଭବ କରିଦେଇପାରିବେ। ପିଲାମାନେ ଭଗବାନଙ୍କ ଅଂଶ ବିଶେଷ। ବିଦ୍ୟାଳୟର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପରିବେଷିତ ସ୍ୱାଗତ ସଙ୍ଗୀତକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। କୋରାପୁଟ ଜିଲାର ସେମିଲିଗୁଡ଼ା ଭଳି ଏକ ସ୍ଥାନର ଲୋକଙ୍କୁ ତାଙ୍କୁ ନିମନ୍ତ୍ରଣ କରିଥିବା ଯୋଗୁଁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ରାଜ୍ୟପାଳ କହିଥିଲେ। ସମ୍ମାନିତଅତିଥି ଭାବେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ପଟାଙ୍ଗି ବିଧାୟକ ପିତମ ପାଢ଼ୀ ଯୋଗ ଦେଇ ଶିକ୍ଷା ହିଁ ମଣିଷକୁ ଆଗକୁ ନେଇପାରିବ ବୋଲି କହିଥିଲେ। ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଉଚିତ ଦିଗଦର୍ଶନ ଦେବା ପାଇଁ ଅତିଥି ଦ୍ୱୟ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣ ଦି



# 'ଆଦିବାସୀ ଭଗବାନଙ୍କ ସନ୍ତାନ'

ସୁନାବେଡ଼ା,୧୦।୯(ନି.ପ୍ର):କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ବୀରଙ୍କର ଗାଥା ଶୀର୍ଷକ ଆଲୋଚନାରେ ରାଜ୍ୟପାଳ କହିଥିଲେ, ଆଜି ଆମେ ଯେଉଁ ମାନଙ୍କୁ ଜନଜାତି କହୁଛୁ ସେମାନେ ଭାରତବର୍ଷର ଭଗବାନଙ୍କ ସୁପୁତ୍ର ଓ ସୁକନ୍ୟା ଅଟନ୍ତି। ଆଜାଦି କା ଅମୃତ ମହୋତ୍ସବରେ ଆଦିବାସୀ ବୀରଙ୍କର ଗାଥା ଜାଣିବା ଦରକାର ସ୍ୱାଧୀନତା ସଂଗ୍ରାମ ବେଳେ ସେମାନେ ଅଗ୍ର ଧାଡ଼ିରେ ଠିଆ ହୋଇ ଦେଶ ପାଇଁ ବଳିଦାନ ଦେଇଛନ୍ତି ବୋଲି କହିଥିଲେ। ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ କୋରାପୁଟ ଗସ୍ତରେ ଆସି ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଏକ ସେମିନାର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତା ସଭାପତିତ୍ୱ କରିଥିଲେ। ରାଷ୍ଟ୍ରୀୟ ଜନଜାତି ଆୟୋଗ ର ସଦସ୍ୟ ଅନନ୍ତ ନାୟକ, ରେଜିଷ୍ଟ୍ରାର ଡଃ ଅସିତ୍ କୁମାର ଦାଶ ମନ୍ତ୍ରଦାନ ଏବଂ ବେଳେ ରାଷ୍ଟ୍ରୀୟ ଜନଜାତି ଆୟୋଗର ଅନ୍ୟତମ ସଦସ୍ୟ )ଡଃ ଜଳେନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଦ୍ୟାଳୟର ଉଦ୍ଦେଶ୍ୟ ଏବଂ ଏହାର ସୁଦୂରପ୍ରସାରୀ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଡି କେ ମହାପାତ୍ର ଧନ୍ୟବାଦ ଦେଇଥିଲେ।ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ସୁନାବେଡ଼ା ପୌର ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ସମ୍ବାଦ

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଦିଶକ୍ତିଙ୍କ ସନ୍ତାନ: ରାଜ୍ୟପାଳ

କୋରାପୁଟ,୧୦/୯(ଇମିସ): ଆଦିବାସୀ ଆଦିଶକ୍ତିଙ୍କ ପ୍ରଥମ ସନ୍ତାନ। ଆଦିଶକ୍ତିଙ୍କ ପ୍ରଥମ ଝିଅ ଭାବେ ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରର ସର୍ବୋଚ୍ଚ ଆସନରେ ଆଜି ବସିଥିଲେ ବି ତିଳେ ମାତ୍ର ଗର୍ବ ନାହିଁ। କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ମହତ୍ତ୍ୱ ଶୀର୍ଷକ ଆଲୋଚନା ଚକ୍ରରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହି କଥା କହିଛନ୍ତି।

ଏହି ଆଲେଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ, ଦେଶର ପ୍ରଧାନମନ୍ତ୍ରୀ ଥରେ ନୁହଁ ବହୁବାର ଆଦିବାସୀ ହିଁ ଆଦିଶକ୍ତିଙ୍କ ସନ୍ତାନ ବୋଲି କହି ଆସିଛନ୍ତି। ଆଦିବାସୀଙ୍କ ପ୍ରତି ରହିଥିବା ସମ୍ମାନର ପ୍ରତୀକ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୂମିକୁ ମଧ୍ୟ ମାତୃଶକ୍ତି ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବେଚନା କରନ୍ତି। ତେଣୁ ସଂସଦକୁ ପ୍ରଥମ ପ୍ରବେଶ ପୂର୍ବରୁ ନତମସ୍ତକ ହୋଇ ସମ୍ମାନ ପ୍ରଦାନ କରିଥିଲେ ବୋଲି କହିଥିଲେ। ସେହିପରି ଓଡ଼ିଶା ହେଉଛି ସେହି ରାଜ୍ୟ ଯେଉଁଠି ଭୂମିକୁ ନାରୀଶକ୍ତି ଭାବେ ବିଶ୍ୱାସ କରି 'ରଜୋତ୍ସବ ପାଳନ କରନ୍ତି। ଆଦିଶକ୍ତିଙ୍କ ଠାରୁ ଯେଉଁ ଆଭା ପିଢ଼ି ପରେ ପିଢ଼ି



ଗତିଶୀଳ ହେଉଛି ତାହା ବିଶ୍ୱର ଅନ୍ୟ କୌଣସି କୋଣରେ ଦେଖିବାକୁ ମିଳେ ନାହିଁ। କେଉଁ ଆବାହମାନ କାଳରୁ ଏହି ପବିତ୍ର ଭୂମିରେ ବସବାସ କରୁଥିବା ଆଦିବାସୀ ଜଳ, ଅଗ୍ନି, ମାଟି ଓ ଆକାଶକୁ ପୂଜା କରି ଆସୁଛନ୍ତି। ଆଦିବାସୀ ପ୍ରକୃତିର ଉପାସକ ହୋଇଥିବାରୁ କେବେ ମଧ୍ୟ ବୃକ୍ଷକୁ କାଟନ୍ତି ନାହିଁ। ସେମାନେ ବୃକ୍ଷ ନିକଟକୁ ଯାଇ ଅବରୋଧ ହଟାଇବାକୁ ଦାବି କରନ୍ତି। କିଛି ଦିନ ବ୍ୟବଧାନରେ ଏହି ବୃକ୍ଷ ହଟିଯାଏ। ଏଥରୁ ଜଣାଯାଏ ଯେ ଆଦିବାସୀମାନେ ସରଳ, ନିଷ୍କପଟ, ନିଃସ୍ୱାର୍ଥୀ ଓ ହୃଦୟବାନ। ପୁଣି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସହିଦ ଲକ୍ଷ୍ମଣ ନାୟକଙ୍କ ଅବଦାନକୁ କେହି କେବେ ଭୁଲି ପାରିବ ନାହିଁ। କାରଣ ଆଦିଶଙ୍କରଙ୍କ ଯେଉଁ ନୀତି ସେ ଆପଣାଇଲେ ତାହା ସ୍ୱାଧୀନତା ମିଳିବାରେ ସହାୟକ ହେଲା ବୋଲି ରାଜ୍ୟପାଳ କହିଥିଲେ।

ଏହି ଜାତୀୟସ୍ତରୀୟ ଆଲୋଚନା ଚକ୍ରରେ ଜାତୀୟ ଆଦିବାସୀ କମିସନ ସଦସ୍ୟ ଅନନ୍ତ ନାୟକ ଅତିଥି ଭାବେ କହିଥିଲେ, ଅସ୍ମିତା, ଅସ୍ତିତ୍ୱ ଓ ବିକାଶ ପରି ତିନୋଟି ତତ୍ତ୍ୱ ପରସ୍ପରର ପରିପୂରକ। ଆଦିବାସୀ ଏତେ ନିଷ୍କପଟ ଯେ, ସେମାନେ କେବେ ଅତ୍ୟାଚାର ବିରୋଧରେ ମୁହଁ ଖୋଲିବେ ନାହିଁ। ତେଣୁ ସେମାନଙ୍କ ମୁହଁ ଖୋଲି ଅସତ୍ୟ ବିରୋଧରେ ସତ୍ୟର ବିଜୟ କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ପବିତ୍ର କୁଆର କହଁର, ଜିଲ୍ଲାପାଳ ଅବଦଲ୍ ଏମ୍. ଅଖତର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସିଡିଏମଓ ଡା. ଅରୁଣ ପାଢ଼ୀ, ଡ.ଶରତ କୁମାର ପାଲିତା, ଡ. ଅସିତ କୁମାର ଦାସ, ଡ. ଜଳେନ୍ଦ୍ର ତ୍ରିପାଠୀ, ବିଶ୍ୱବିଦ୍ୟାଳୟ ଲୋକସଂପର୍କ ଅଧିକାରୀ ଫଗୁନାଥ ଭୋଇଙ୍କ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଆଜି ସକାଳେ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଦୁଇ ଦିନିଆ କୋରାପୁଟ ଗସ୍ତ ନିମନ୍ତେ କୋରାପୁଟ ପହଞ୍ଚିଥିଲେ। ଷ୍ଟେସନରେ ଜିଲ୍ଲାପାଳ, ଏସ୍‌ପି ଏବଂ ଷ୍ଟେସନ ମାଷ୍ଟର ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ।

# ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଲେ ମହାମହିମ ରାଜ୍ୟପାଳ




କୋରାପୁଟ:ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଇଦିନିଆ ଗସ୍ତରେ ଆସି ଶନିବାର ସକାଳେ କୋରାପୁଟରେ ପହଞ୍ଚିଛନ୍ତି ।ଅପରାହ୍ନରେ ରାଜ୍ୟପାଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସୁନାବେଡା କ୍ୟାମ୍ପସରେ ଜାତୀୟ ଅନୁସୂଚିତ ଜନଜାତି ଆୟଗ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ଆୟୋଜିତ ଜାତୀୟ ସ୍ତରୀୟ ଆଲୋଚନା ଚକ୍ରରେ ଯୋଗଦେଇ ସ୍ରଷ୍ଟାଙ୍କ ପ୍ରଥମ ସୃଷ୍ଟି ଆଦିବାସୀ ହୋଇଥିବାବେଳେ ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ହେଉଛନ୍ତି ଓଡ଼ିଶାର ଆଦିବାସୀ ମହିଳା ବୋଲି ପ୍ରକାଶ କରିଥିଲେ। ସମଗ୍ର ବିଶ୍ୱକୁ ଆଦିବାସୀ ଓ ଓଡିଶା ଦିଗଦର୍ଶନ ଦେଇଛି । ଏଣୁ ଆଦିବାସୀ ବହୁଳ କୋରାପୁଟ ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସର୍ବାଙ୍ଗିନ ବିକାଶ ସକାଶେ ରାଷ୍ଟ୍ରପତିଙ୍କ ନିଶ୍ଚିତ ଅବଦାନ ରହିବ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି। ବିଶ୍ୱ ବିଦ୍ୟାଳୟର ବିକାଶ ପାଇଁ ମୋ ଦ୍ୱାରା ଯାହା ସମ୍ଭବ ହୋଇପାରିବ ସେଥିପାଇଁ ମୁଁ ଉଦ୍ୟମ କରିବି ବୋଲି କହିଛନ୍ତି । କୋରାପୁଟ ଭଳି ଆଦିବାସୀ ବହୁଳ ଲୋକଙ୍କ ସେବାରେ ଆସିପାରିଲେ ମୁ ନିଜକୁ ଧନ୍ୟ ମନେକରିବି ବୋଲି ସେ ପ୍ରକାଶ କରିଛନ୍ତି । ୨ ଦିନିଆ କୋରାପୁଟ ଗସ୍ତରେ ଆସିଥିବା ରାଜ୍ୟପାଳ ଅପରାହ୍ନରେ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ଦ୍ୱାରା ଆୟୋଜିତ ସ୍ୱାଧିନତା ସଂଗ୍ରାମରେ ଜନଜାତି ଙ୍କ ଅବଦାନ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ।

ପ୍ରକୃତି ଓ ପରିବେଶକୁ ସୁରକ୍ଷା ଯୋଗାଉଛନ୍ତି ଆଦିବାସୀ । ସ୍ରଷ୍ଟାଙ୍କ ପ୍ରଥମ ସୃଷ୍ଟି ଆଦିବାସୀ । ଆଦିବାସୀ ହେଉଛନ୍ତି ଭଗବାନଙ୍କ ଅବତାର । ସେହିଁ ଜଗନ୍ନାଥ,ସେହିଁ କୃଷ୍ଣ ଓ ସେହିଁ ରାମ ।ଜମି,ଜଳ ଓ ଜଙ୍ଗଲ ଉପରେ ଅତ୍ୟାଚାର ଅନ୍ୟାୟ କରାଗଲେ ଆଦିବାସୀମାନେ ହିଁ ପ୍ରତିବାଦ କରନ୍ତି । ଆଦିବାସୀଙ୍କୁ ସବୁକ୍ଷେତ୍ରରେ ଆମେ ସମ୍ମାନ ଓ ଗୁରୁତ୍ୱ ଦେବାକୁ ପଡିବ ବୋଲି ରାଜ୍ୟପାଳ ଗଣେଶୀଲାଲ କହିଛନ୍ତି । ଆଦିବାସୀ ଜାତି ସରଳ ଓ ନିଷ୍କପଟ ଜାତି ।ସ୍ୱାଧିନତା ସଂଗ୍ରାମରେ ଆଦିବାସୀ ଜନଜାତୀଙ୍କ ଗୁରୁତ୍ୱପୂର୍ଣ ଭୁମିକା ରହିଥିଲା । ଆଦିବାସୀ ଓ ଓଡିଶା ବିଶ୍ୱରେ ଅନ୍ୟନ୍ୟ । ଆଦିବାସୀ ବିଶ୍ୱକୁ ବାର୍ତା ଦେଉଛି ।ଏପରିକି ମହାତ୍ମା ଗାନ୍ଧୀ ଆଦିବାସୀଙ୍କଠାରୁ ଓ ଓଡିଶାରୁ ପ୍ରେରଣା ପାଇଥିଲେ ବୋଲି ସେ ତାଙ୍କ ଉଦବୋଧନ ରେ ପ୍ରକାଶ କରିଛନ୍ତି । ଆଦିବାସୀଙ୍କ ବିକାଶ ବିନା ଅସଲି ବିକାଶ ଅସମ୍ଭବବୋଲି କହିଛନ୍ତି ।

ରାଜ୍ୟପାଳ ଗଣେଶି ଲାଲ ହୀରାଖଣ୍ଡ ଟ୍ରେନ ଯୋଗେ କୋରାପୁଟରେ ପହଁଚିବା ପରେ କୋରାପୁଟ ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଅପରାହ୍ନରେ ଓଡିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ଆୟୋଜିତ ଭାରତର ସ୍ୱାଧିନତା ଆନ୍ଦୋଳନରେ ଜନଜାତିଙ୍କ ଭୁମିକା ଶୀର୍ଷକ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥିଭାବେ ସେ ଯୋଗଦେଇଥିଲେ । ସ୍ୱାଧିନତା ଆନ୍ଦୋଳରେ ସାମିଲ ହୋଇ ବଳିଦାନ ଦେଇଥିବା ୮ ୬ ଜଣ ଆଦିବାସୀ ସଂଗ୍ରାମୀଙ୍କ ଫୋଟୋ ଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ ।ବିଶ୍ୱ ବିଦ୍ୟାଳୟ କର୍ତୃପକ୍ଷଙ୍କ ଏଭଳି ଉଦ୍ୟମକୁ ଉଚ ପ୍ରଶଂସା କରିଥିଲେ ।

ରାଜ୍ୟପାଳଙ୍କ ସମେତ କେନ୍ଦ୍ର ଅନୁସୂଚିତ ଜନ ଜାତି ଆୟୋଗର ସଦସ୍ୟ ଅନନ୍ତ ନାୟକ ,ଓ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରାଳୟର ଟ୍ରାଇଫାଇଡର ଉପାଧକ୍ଷ _ପବିତ୍ର କୁମାର କଅଁର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ହୀରାଖଣ୍ଡ ଟ୍ରେନର ସ୍ୱତନ୍ତ୍ର କୋଚରେ ଯାତ୍ରା କରି କୋରାପୁଟ ଆସିବା ବେଳେ ରାୟଗଡ_କୋରାପୁଟ ରେଳପଥରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରି ବେଶ ଆନନ୍ଦିତ ଅଛିବୋଲି ମହାମୋହିମ ପ୍ରକାଶ କରିଥିଲେ । ଆଦିବାସୀଙ୍କ ତ୍ୟାଗ ଓ ଅବଦାନକୁ ଭବିଷ୍ୟତର ଯୁବ ପିଢି ଓ ଛାତ୍ର ସମାଜଙ୍କୁ ଅବଗତ କରାଇବାକୁ ଏଭଳି ଉଦ୍ୟମ କରାଯାଉଛି ବୋଲି ଅନନ୍ତ ନାୟକ କହିଛନ୍ତି ।

ରିପୋର୍ଟ:ମଦନ ମୋହନ ସାହୁ,କୋରାପୁଟ

